Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org



ବିହାର ବିଧାନସଭା ଭଙ୍ଗ ଅସାମ୍ବିଧାନିକ ତେବେ ନିର୍ବାଚନ ହେଉ: ସୁପ୍ରୀମକୋର୍ଟ , ବିହାରରେ ବିଜେପି ରାଲିରେ ଏ

ତାରିଖ : ୧୦/୭/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୩.୬ | ୨୯.୯ |
| କଟକ | ୨୪.୪ | ୩୧.୩ |
| ବାଲେଶ୍ୱର | ୨୩.୬ | ୩୦.୬ |
| ଗୋପାଳପୁର | ୨୪.୬ | ୩୧.୮ |
| ଝାରସୁଗୁଡ଼ା | ୨୪.୨ | ୩୩.୦ |

ବିତର୍କ/ମତାମତ ସଂଗ୍ରହ

ଆନ୍ଧ୍ର ଓ ପଶ୍ଚିମବଙ୍ଗ ଓଡ଼ିଶାର ଅଞ୍ଚଳକୁ ମାଡ଼ି ବସିବା ରାଜ୍ୟ ସରକାରଙ୍କ ଅପାରଗତା ବୋଲି କହିବା କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଓଡ଼ିଶାରେ ପ୍ରତିକ୍ରିୟା ନାହିଁ, ପ୍ରବାସୀ ଓଡ଼ିଆ ଲେଖିଲେ ମନମୋହନ, ସୋନିଆଙ୍କୁ ଚିଠି, ଓଡ଼ିଶା ପ୍ରତି ବାରମ୍ବାର ଉପେକ୍ଷା କାହିଁକି?

ଭୁବନେଶ୍ୱର(ଇମିସ): ଓଡ଼ିଶାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଏନଆଇଏସ) ଆଉ ଖୋଲିବ ନାହିଁ। ଓଡ଼ିଶା ବଦଳରେ କୋଲକାତାରେ ଏହି ପ୍ରତିଷ୍ଠାନ ଖୋଲିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ 'ଧର୍ମକୁ ଆଖିଠାର' ନ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦୁଇ ଚାରି ଧାଡ଼ିର ଦୁଇଟି ପତ୍ର ଲେଖି ମୋଟାମୋଟି ନିରବଦ୍ରଷ୍ଟା ସାଜିଥିବା ବେଳେ ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ କିନ୍ତୁ ଏହା ଅତିମାତ୍ରାରେ ବ୍ୟଥିତ କରିଛି। ସେମାନେ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପୃଥକ ପୃଥକ ଚିଠି ଲେଖି ଓଡ଼ିଶାକୁ କେନ୍ଦ୍ରର ଅବହେଳା ସଂପର୍କରେ ଅବଗତ କରିବା ସହ ଓଡ଼ିଶାରେ ତୁରନ୍ତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲିବା ପାଇଁ ଅନୁରୋଧ କରିଛନ୍ତି।

ଆମେରିକାସ୍ଥିତ ଓଡ଼ିଆ ସମାଜର ଉପ ସଭାପତି ଧୀରେନ୍ଦ୍ର କର ପ୍ରଧାନମନ୍ତ୍ରୀ ଡ. ସିଂହ ଓ ଶ୍ରୀମତୀ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଚିଠିର ନକଲ 'ସମ୍ବାଦ' କୁ ପଠାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ ଗତ ୨୦୦୩ ଡିସେମ୍ବର ୯ ତାରିଖରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଯୋଶୀ ଭୁବନେଶ୍ୱର, ଚେନ୍ନାଇ, ପୁନେ ଓ ଆହ୍ଲାବାଦଠାରେ ଚାରିଟି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲାଯିବ ବୋଲି ଘୋଷଣା କରିଥିଲେ। ବିଶ୍ୱବିଦ୍ୟାଳୟ ମଂଜୁରି ଆୟୋଗ (ୟୁଜିସି) ପକ୍ଷରୁ ଏଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ସଂପର୍କରେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପରଦିନ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ। ଏହଛଡ଼ା ୟୁଜିସିର ୱେବ୍‌ସାଇଟରେ ମଧ୍ୟ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହା ଇଣ୍ଟରନେଟରେ ରହିଛି। ବିଶ୍ୱବିଦ୍ୟାଳୟ ମଂଜୁରି କମିସନ୍ ୨୦୦୩ ଜୁଲାଇ ମାସରେ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଏକ ପତ୍ର ଦ୍ୱାରା ଜଣାଇଥିଲେ। ଏଥିପାଇଁ ରାଜ୍ୟ ସରକାର ଭୁବନେଶ୍ୱରଠାରେ ସ୍ଥାନ ନିରୂପଣ କରି ସାରିଛନ୍ତି।

ଏ ପରିସ୍ଥିତିରେ ଗତ ସେପ୍‌ଟେମ୍ବର ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ପୁନେ ଓ କୋଲକାତାଠାରେ ଯଥାକ୍ରମେ ଦୁଇଟି ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଆଇଏସଇଆର) ଖୋଲିବ



ଭୁବନେଶ୍ୱରରେ ଡାଣ୍ଡିଆ....ନବରାତ୍ରୀ ଉତ୍ସବ ପାଇଁ କିଟ୍‌ସ ଓ ଏକ ତାରକା ହୋଟେଲରେ ଡାଣ୍ଡିଆ ନୃତ୍ୟ ।

ଅନ୍ୟାନ୍ୟ ଖବର

- ବିଜେବି କଲେଜରେ ମିଛ ବୋମା
- ବାଲେଶ୍ୱର ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ନିଲମ୍ବିତ
- ସେଚ ସଦନରେ ମଦ-ମାଂସର ପ୍ରୀତି
- ବିଧାୟକଙ୍କ ଜାଲ୍ ଦସ୍ତଖତରେ କାମ ପାଇଁ ସୁପାରିସ
- ବଜ୍ରପାତରେ ଜଣେ ମୃତ
- ଟ୍ରକ ଧକ୍କାରେ ସ୍କୁଲ ଛାତ୍ରୀ ମୃତ
- ସଡ଼କ ଦୁର୍ଘଟଣା: ୧ ମୃତ
- ଦୁଇ ପୂର୍ବ ସରପଞ୍ଚ ଗିରଫ
- ଝିଅର ଆତ୍ମହତ୍ୟାରେ ମର୍ମାହତ ବାପାର ଆତ୍ମହତ୍ୟା
- ମାର୍ଶାଘାଇରେ ମ୍ୟାଲେରିଆ ଆତଙ୍କ: ୫ ମୃତ, ବହୁ ଆକ୍ରାନ୍ତ
- ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରି ୫ ଯୁବକ ଗିରଫ
- ପ୍ରାଣନାଥ ପଟ୍ଟନାୟକ ଥିଲେ ମୂଲ୍ୟବୋଧର ପ୍ରତୀକ

ବୋଲି ଘୋଷଣା କରିଛନ୍ତି । ପୂର୍ବତନ ମାନବ ସମ୍ବଳ
ବିକାଶ ମନ୍ତ୍ରୀ ଶ୍ରୀ ଯୋଶୀଙ୍କ ଦ୍ୱାରା ଘୋଷିତ ଏନଆଇଏସ୍
ଓ ବର୍ତମାନର ଏହି ଆଇଆଇଏସଇଆର ମଧ୍ୟରେ ନାମଗ
ତ ପାର୍ଥକ୍ୟକୁ ବାଦ୍ ଦେଲେ ଆଭିମୁଖ୍ୟରେ କୌଣସି
ପ୍ରଭେଦ ନାହିଁ । ଆଇଆଇଏସଇଆର ତାଲିକାରୁ ଚେନ୍ନାଇ
ଓ ଆହ୍ଲାବାଦକୁ ବାଦ୍ ଦେବା ହୁଏତ ସଂପୃକ୍ତ ରାଜ୍ୟ ଦୁଇଟି
ପାଇଁ ଗୁରୁତର ପ୍ରସଙ୍ଗ ହୋଇ ନ ପାରେ । କାରଣ
ସେଠାରେ ଆଇଆଇଟି ଓ ଆଇଆଇଆଇଟି ଭଳି ଉନ୍ନ
ତମାନର ଶିକ୍ଷାନୁଷ୍ଠାନ ରହିଛି । ମାତ୍ର ଓଡ଼ିଶା କ୍ଷେତ୍ରରେ
ନିଶ୍ଚିତ ରୂପେ ଏହା ଜୀବନମରଣର ପ୍ରଶ୍ନ ଭଳି ଅତ୍ୟନ୍ତ
ଗୁରୁତର । ଓଡ଼ିଶାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ ।
ଏଠାରେ ଆଇଆଇଟି, ଆଇଏସଆଇ ଭଳି ଜାତୀୟସ୍ତରର
ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ । ପୁଣି କେନ୍ଦ୍ରୀୟ ଅନୁଦାନରେ
ପରିଚାଳିତ ଆଇଆଇଆଇଟି କିମ୍ବା ଆଇଆଇଆଇଟିଏମ୍
ଭଳି ଶିକ୍ଷା ପ୍ରତିଷ୍ଠାନ ମଧ୍ୟ ନାହିଁ । ବିଜ୍ଞାନ ଓ ବୈଷୟିକ
ଶିକ୍ଷା ମନ୍ତ୍ରାଳୟର ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ଶିକ୍ଷା
ପ୍ରତିଷ୍ଠାନଟିଏ ମଧ୍ୟ ନାହିଁ । ଏ ଦୃଷ୍ଟିରୁ ଭୁବନେଶ୍ୱରଠାରେ
ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲିବା
ଅପରିହାର୍ଯ୍ୟ ହୋଇପଡ଼ିଛି । କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର
ସରକାର ବିଭିନ୍ନ କ୍ଷେତ୍ରରେ ବର୍ତମାନ ଓଡ଼ିଶାର ବିକାଶ ଓ
ପ୍ରଗତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ ଜାତୀୟ
ବିଜ୍ଞାନ ପ୍ରତିଷ୍ଠାନ ଖୋଲା ନ ଗଲେ ଚିର ଅବହେଳି
ତ ଓଡ଼ିଶାବାସୀଙ୍କ ପ୍ରତି ଏହା ପ୍ରତାରଣା ହେବ ବୋଲି
ସେମାନେ ଚେତାଇ ଦେଇଛନ୍ତି । ଏ ଦୃଷ୍ଟିରୁ କେନ୍ଦ୍ର ସରକାର
ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରି ପୂର୍ବ ଘୋଷଣା ମୁତାବକ
ଓଡ଼ିଶାରେ ତୁରନ୍ତ ଏହି ପ୍ରତିଷ୍ଠାନ ଖୋଲିବାକୁ ଚିଠିରେ
ଅନୁରୋଧ କରାଯାଇଛି । ଆମେରିକାସ୍ଥିତ ଓଡ଼ିଆ ସମାଜର
ସଦସ୍ୟମାନେ 'ପ୍ରଧାନମନ୍ତ୍ରୀଙ୍କୁ ଖୋଲାଚିଠି' ନାମରେ ଚିଠି
ପଠାଇବା ସହ ସମାଜର ଉଚ୍ଚସ୍ତରରେ ଥିବା ଓଡ଼ିଆମାନଙ୍କୁ
ଏଭଳି ଚିଠି ଲେଖି ପ୍ରତିବାଦ ଜଣାଇବାକୁ ଆହ୍ୱାନ ଦେ
ଇଛନ୍ତି ।

ପୂର୍ବପୃଷ୍ଠା

- 'ଆଲୁମିନା କାରଖାନା ସ୍ଥାପନ ପାଇଁ ଆଦ ବାସୀଙ୍କୁ ବିସ୍ଥାପିତ କରିବାକୁ ଧମକ ଦ ଆଯାଇଛି'
- ବେତନଟୀ: ୭୨ଟି ସ୍କୁଲରେ ପ୍ରଧାନ ଶିକ୍ଷକ ନାହାନ୍ତି
- ଇମାମୀ ପେପର ମିଲ୍ ଗଡ଼ିଆରୁ ଅଚିହ୍ନା ମହିଳାଙ୍କ ଗଳିତ ଶବ ଉଦ୍ଧାର
- ବଲାଙ୍ଗୀରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ
- ଶାଳୀକୁ ଧର୍ଷଣ ଉଦ୍ୟମ, ଭିଣୋଇ ଫେରାର୍
- ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷା ୨୧ରୁ
- କେନାଲରେ ମହିଳା ୱାର୍ଡ ମେମ୍ବରଙ୍କ ଶବ, ହତ୍ୟା ସନ୍ଦେହ
- ପାଣି ପଞ୍ଚାୟତ ଅର୍ଥ ତୋଷରପା ତ ଅଭିଯୋଗ
- ଆଗାମୀ ୭ରେ ହେବାକୁ ଥିବା ଅଣଶିକ୍ଷକ ସମାବେଶ ସ୍ଥଗିତ
- ମୁଖ୍ୟମନ୍ତ୍ରୀ ଟେଣ୍ଡର ଫିକ୍ସିଂକୁ ପ୍ରହେଳିକାମୟ କରୁଛନ୍ତି: ସିପିଆଇ
- ଅନଙ୍ଗଙ୍କ ନେତୃତ୍ୱରେ ଜନ ସଂପର୍କ ଅଭିଯାନ
- ସ୍ପଷ୍ଟୀକରଣ




Copyright © 2001 orissasambad.com

Site Developed by : www.wayindia.com